# କୁନିତାରା

ଦୀପ୍ତିମାନ ହୀରା ସମ ନଭେ ପ୍ରଜ୍ୱଳିତ
ଚଣ୍ଡାଂଶୁ କିରଣେ ଲଭ କାୟା ନିଷ୍ପ୍ରଭିତ
ଅଂଶୁମାନ ଯେବେ ଗମେ ପ୍ରତୀଚୀ ଦିଶାରେ
ମୁଖ ତୁମ ସଂଦର୍ଶଇ ସହସ୍ର ଆଶାରେ ।
ସର୍ପ କ୍ଷୁଦ୍ର ହେଲେ ତାର ବିଷ ଯେ ଉତ୍କଟ
କ୍ଷୁଦ୍ରକାୟା ଧରି ତୁମେ ଜାଜ୍ୱଲ୍ୟ ପ୍ରକଟ
ପ୍ରଗଳ୍ଭ ମୁଁ କ୍ଷୁଦ୍ର ଶିଶୁ ମାନସେ ମୋ
ଉଦ୍‌ଭାସଇ ଶତ ପ୍ରଶ୍ନ ବାଣ
ଅହର୍ନିଶ ମିଞ୍ଜିମିଞ୍ଜି ଆଲୋକ ପ୍ରଦାନେ
ଦିନେ ତୁମେ ହୁଅନା କାର୍ପଣ୍ୟ ?
ତୁମ ସର୍ଜନାର ପ୍ରଶ୍ନ ଉଠଇ ମାନସେ
ହେ ମୋର ପ୍ରିୟ ତାରା ପୁଞ୍ଜ
ପ୍ରତୀକ୍ଷାରେ ବସିଛି ମୁଁ ତୁମ ସଂଦର୍ଶନେ
କେବେ ସତେ ଆସିଯିବ ସଞ୍ଜ ।

□□□